# NATIONAL NEWS BULLETIN (ODIA)

**4 February - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଲୋକସଭାରେ ଆଜି ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଉତ୍ତର ଦେବେ ପ୍ରଧାନମନ୍ତ୍ରୀ

- ୭୦ ସଦସ୍ୟ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆସନ୍ତାକାଲି ହେବ ମତଦାନ ।

- ସଠିକ୍ ସମୟରେ ଜାତିସଂଘକୁ ସହଯୋଗ ରାଶି ଭରଣା କରି ଭାରତ ୩୫ଟି ସଦସ୍ୟ ରାଷ୍ଟ୍ର ତାଲିକାରେ ସାମିଲ

- ଶୁଳ୍କବୃଦ୍ଧିର ଜବାବରେ ଆମେରିକାର କେତେକ ଉତ୍ପାଦ ଉପରେ ଶୁଳ୍କ ଲାଗୁ କରିବାକୁ ଚୀନ୍‌ର ନିଷ୍ପତ୍ତି ।

ଏବଂ

- ମହିଳା ଟେନିସ୍ ଖେଳାଳି ଅଙ୍କିତା ରାଇନା ମୁମ୍ବାଇ ଓପନ୍ ଟେନିସ୍ ପ୍ରି-କ୍ୱାର୍ଟର ଫାଇନାଲ୍‌କୁ ଉନ୍ନୀତ ।

---

## ରିଜିଜୁ-ପିଏମ୍

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଲୋକସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାର ଉତ୍ତର ଦେବେ । ଗତକାଲି

ଲୋକସଭାରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ଆରମ୍ଭ ହୋଇଥିଲା । ଆଜି ଅପରାହ୍ନ ୫ଟାରେ ଶ୍ରୀ ମୋଦୀ ଗୃହରେ ଉତ୍ତର ଦେବେ ବୋଲି ଆଶା କରାଯାଉଛି । ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କୁ ସମାଲୋଚନା କରି ଶ୍ରୀ ରିଜିଜୁ କହିଛନ୍ତି, ସେ ଅନୁସୂଚିତ ଜାତି, ଜନଜାତି ଓ ଓବିସିଙ୍କ କଥା କହୁଛନ୍ତି, କିନ୍ତୁ ପ୍ରଧାନମନ୍ତ୍ରୀ ମୋଦୀ ଓବିସି ସଂପ୍ରଦାୟର ବୋଲି ରାହୁଲ ଗାନ୍ଧୀ ଚିହ୍ନିପାରୁ ନାହାନ୍ତି । ଶ୍ରୀ ରିଜିଜୁ କହିଛନ୍ତି :

**(Kian Rijiju V/O )**

---

## ଆର୍‌ଏସ୍-ପାୱାର

୨୦୩୧-୩୨ ମସିହା ସୁଦ୍ଧା ଭାରତର ବିଜୁଳି ଉତ୍ପାଦନ କ୍ଷମତା ୮୭୪ ଗିଗାୱାଟକୁ ବୃଦ୍ଧି କରିବାକୁ ସରକାର ଯୋଜନା କରୁଛନ୍ତି । ଆଜି ରାଜ୍ୟସଭାରେ ଏକ ଲିଖିତ ଉତ୍ତରରେ କେନ୍ଦ୍ର ଶକ୍ତିରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାୟକ କହିଛନ୍ତି, କୋଇଲା, ଲିଗ୍‌ନାଇଟ୍ ସମେତ ପାରମ୍ପରିକ ଉତ୍ସରୁ ଉତ୍ପାଦିତ ବିଦ୍ୟୁତ୍ ଏବଂ ସୌର ପବନ ଓ ଜଳ ଭଳି ଅକ୍ଷୟ ଉତ୍ସରୁ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ବୃଦ୍ଧି କରିବା ଲାଗି ସରକାରଙ୍କ ଯୋଜନା ରହିଛି । ସେ କହିଛନ୍ତି, ଏବେ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ୪୬୨ ଗିଗାୱାଟ୍ ରହିଛି ଏବଂ ଦେଶରେ ପର୍ଯ୍ୟାପ୍ତ ପରିମାଣର ବିଜୁଳିଶକ୍ତି ଉପଲବ୍ଧ ହେଉଛି । ସରକାର ୨୦୧୪ ମସିହା ଏପ୍ରିଲ୍‌ରୁ ୨୩୦ ଗିଗାୱାଟ୍ ଉତ୍ପାଦନ କ୍ଷମତା ବୃଦ୍ଧି କରି ଦେଶର ଶକ୍ତି ସମସ୍ୟାର ସମାଧାନରେ ସଫଳ ହୋଇଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ।

---

## ପାର୍ଲାମେଣ୍ଟ-କ୍ୱୋଶ୍ଚିନ୍

କୃଷକଙ୍କ ଆୟ ବୃଦ୍ଧି ନିମନ୍ତେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି । ଲୋକସଭାରେ ଆଜି ପ୍ରଶ୍ନ କାଳରେ ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି, ୨୦୧୯ ମସିହାରୁ ସରକାର ଉତ୍ପାଦନ ଖର୍ଚ୍ଚଠାରୁ ୫୦ ପ୍ରତିଶତ ଅଧିକ ଲାଭ ସହିତ ନ୍ୟୁନତମ ସହାୟକ ମୂଲ୍ୟ ହାର ସ୍ଥିର କରିଛନ୍ତି । ସେ କହିଛନ୍ତି, ଭାରତ ନଡ଼ିଆ ଉତ୍ପାଦନରେ ବିଶ୍ୱର ଏକନମ୍ବର ଦେଶରେ ପରିଣତ ହୋଇଛି ଏବଂ ସରକାର ନଡ଼ିଆ ରୋଗ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେଉଛନ୍ତି ।

ଅନ୍ୟପକ୍ଷରେ ରାଜ୍ୟସଭାରେ ମହାକୁମ୍ଭ ଅଘଟଣ ଉପରେ ଆଲୋଚନା ଦାବି କରି କିଛି ବିରୋଧୀ ସଦସ୍ୟଙ୍କ ମୁଲତବୀ ପ୍ରସ୍ତାବକୁ ଉପାଧ୍ୟକ୍ଷ ହରିବଂଶ ପ୍ରତ୍ୟାଖ୍ୟାନ କରିଛନ୍ତି ।

---

# ଦିଲ୍ଲୀ ପୋଲ୍‌ସ

୭୦ ସଦସ୍ୟ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆସନ୍ତାକାଲି ମତଦାନ ହେବ । ଏଥିପାଇଁ ପ୍ରସ୍ତୁତି ଦ୍ରୁତଗତିରେ ଚାଲିଛି । ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ହେବ । ୧ କୋଟି ୫୬ ଲକ୍ଷରୁ ଅଧିକ ଭୋଟର ୬୯୯ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ । ୮ ତାରିଖ ଶନିବାର ଦିନ ଭୋଟ୍ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ ।

ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ୧ଲକ୍ଷ ୮୦ ହଜାରରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ନିର୍ବାଚନ ପ୍ରକ୍ରିୟା ଚାଲିଥିବା ସମୟରେ ୨୨୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ନଗଦ ଟଙ୍କା,

ନିଶାଦ୍ରବ୍ୟ, ମାଗଣା ସାମଗ୍ରୀ ଓ ମୂଲ୍ୟବାନ ଧାତୁ ଜବତ କରାଯାଇଥିବା ବେଳେ ଏଥିରେ ୮୮ କୋଟି ଟଙ୍କାର ଔଷଧ ଓ ୮୧ କୋଟି ଟଙ୍କାର ମୂଲ୍ୟବାନ ଧାତୁ ରହିଛି । ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରଠାରୁ ସି-ଭିଜିଲ୍ ଆପ୍ ଜରିଆରେ ୭ ହଜାର ୪୯୯ଟି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୭ ହଜାର ୪୬୭ଟି ମାମଲାର ସମାଧାନ ହୋଇଥିବା ନିର୍ବାଚନ କମିଶନ କହିଛନ୍ତି ।

## ଇଣ୍ଡିଆ-ୟୁଏନ୍ କଣ୍ଟ୍ରିବ୍ୟୁସନ୍

ଭାରତ ଚଳିତବର୍ଷ ଜାତିସଂଘର ନିୟମିତ ବଜେଟରେ ୩୭ ଦଶମିକ ୬/୪ ନିୟୁତ ଆମେରିକୀୟ ଡଲାରର ସହଯୋଗ କରିଛି । ଏହାଛଡ଼ା ଠିକ୍ ସମୟରେ ବକେୟା ଅର୍ଥ ସଂପୂର୍ଣ୍ଣ ପୈଠ କରିଥିବାରୁ ଭାରତ ୩୫ଟି ସଦସ୍ୟ ରାଷ୍ଟ୍ର ମଧ୍ୟରେ ସ୍ଥାନ ପାଇଛି । ଗତ ଜାନୁଆରୀ ୩୧ରେ ଭାରତ ଏହି ସହଯୋଗ ରାଶି ପୈଠ କରିଥିଲା । ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ଙ୍କ ମୁଖପାତ୍ର ଷ୍ଟିଫେନ୍ ଦୁଜାରିକ ଏକ ସାମ୍ବାଦିକ ସମ୍ମିଳନୀରେ ଭାରତର ସମୟ ଉପଯୋଗୀ ସହଯୋଗକୁ ପ୍ରଶଂସା କରିଥିଲେ ।

ଭାରତ ଆବଶ୍ୟକ ସମୟରେ ଜାତିସଂଘ ପ୍ରତି ନିଜର ଆର୍ଥିକ ଦାୟିତ୍ୱ ନିର୍ବାହ କରି ଖ୍ୟାତି ଅର୍ଜନ କରିଛି । ଜାତିସଂଘର ସଦସ୍ୟତା ତଥା ଦାୟିତ୍ୱ କ୍ଷେତ୍ରରେ ଭାରତର ନିରନ୍ତର ପ୍ରତିବଦ୍ଧତା ପ୍ରକାଶ ପାଇଛି ।

ଅନ୍ୟପକ୍ଷରେ ଜାତିସଂଘ ସଭାର ଅଧ୍ୟକ୍ଷ ଫିଲେମନ ୟଙ୍ଗ୍ ଆଜିଠାରୁ ଭାରତ ଗସ୍ତରେ ଆସୁଥିବା ଜଣାପଡ଼ିଛି । ସେ ଏକ ସାକ୍ଷାତକାରରେ ଭାରତର

ବିଶ୍ୱସନୀୟତାକୁ ପ୍ରଶଂସା କରି କହିଛନ୍ତି, ଜାତିସଂଘର ଏକ ଦାୟିତ୍ୱସଂପନ୍ନ ସଦସ୍ୟ ରାଷ୍ଟ୍ର ଭାବରେ ଭାରତ ସହଯୋଗ କରି ଆସୁଛି ।

---

## ଟ୍ରମ୍ପ-ଟାରିଫ୍ ଡିଲେ

ଚୀନ୍‌ର କେତେକ ଉତ୍ପାଦ ଉପରେ ଆମେରିକା ସରକାର ଶୁଳ୍କ ବୃଦ୍ଧି କରିବା ପରେ ଏହାର ଜବାବରେ ଚୀନ୍ ମଧ୍ୟ ଅମେରିକାର କେତେକ ଉତ୍ପାଦ ଉପରେ ଶୁଳ୍କ ଲାଗୁ କରିବାକୁ ଘୋଷଣା କରିଛି । ଚୀନ୍‌ର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆମେରିକାରୁ କୋଇଲା ଏବଂ ତରଳ ପ୍ରାକୃତିକ ଗ୍ୟାସ୍ ଆମଦାନୀ ଉପରେ ୧୫ ପ୍ରତିଶତ ଟିକସ ଲାଗିଥିବାରୁ ଚୀନ୍ ଅଶୋଧିତ ତୈଳ, କୃଷି ଯନ୍ତ୍ରପାତି,ପିକ୍‌ଅପ୍ ଟ୍ରକ୍ ଏବଂ ବଡ଼ ଇଞ୍ଜିନ୍‌ଯୁକ୍ତ କାର୍ ଉପରେ ୧୦ ପ୍ରତିଶତ ଶୁଳ୍କ ଲାଗୁକରିବାକୁ ଘୋଷଣା କରିଛି । ଏହାଛଡ଼ା ଆମେରିକାର ଗୁଗୁଲ୍ ଉପରେ ମଧ୍ୟ ଚୀନ୍ ତଦନ୍ତ କରିବା ଲାଗି ଘୋଷଣା କରିଛି ।

ପୂର୍ବରୁ ସୀମା ସୁରକ୍ଷା ପ୍ରୟାସକୁ ସୁଦୃଢ଼ କରିବା ପାଇଁ ଦୁଇଦେଶ ରାଜି ହେବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ’ କାନାଡା ଓ ମେକ୍‌ସିକୋ ଉପରେ ଶୁଳ୍କ ବୃଦ୍ଧି ନିର୍ଦ୍ଦେଶକୁ ଲାଗୁ କରିବା ସମୟସୀମା ଏକମାସ ବୃଦ୍ଧି କରିଛନ୍ତି । ତେବେ ଆଜିଠାରୁ ଚୀନ୍ ଉପରେ ଶୁଳ୍କ ଲାଗୁ ହେବା ନେଇ ପୂର୍ବରୁ ଆୟାଉଥିବା ନିର୍ଦ୍ଦେଶ କାର୍ଯ୍ୟକାରୀ ହେବାର ସମ୍ଭାବନା ରହିଛି ।

କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, କାନାଡା ୧ଦଶମିକ ୩ ବିଲିୟନ ଆମେରିକୀୟ

ଡଲାର ବ୍ୟୟ ଅଟକଳରେ ନୂତନ ହେଲିକପ୍ଟର, ଜ୍ଞାନକୌଶଳ ଏବଂ କର୍ମଚାରୀଙ୍କ ଦ୍ୱାରା  ସୀମା ଯୋଜନା କାର୍ଯ୍ୟକାରୀ କରିବ । ଏଥିରେ ଆମେରିକୀୟ ଅଂଶୀଦାରଙ୍କ ସହ ସମନ୍ୱୟ ବୃଦ୍ଧି ଓ ନିଷିଦ୍ଧ ହୋଇଥିବା ଔଷଧ **ଫେଣ୍ଟାନିଲ୍**ର ଯୋଗାଣ ବନ୍ଦ କରିବା ମଧ୍ୟ ଅନ୍ତର୍ଭୁକ୍ତ ।

ଅନ୍ୟପକ୍ଷରେ ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ସିନାବାଉନ୍ କହିଛନ୍ତି, ଆମେରିକା ରାଷ୍ଟ୍ରପତିଙ୍କ ସହ ସକାରାତ୍ମକ ଆଲୋଚନା ହୋଇଛି ଏବଂ ଆମେରିକା-ମେକ୍ସିକୋ ସୀମାରେ ତାଙ୍କ ଦେଶ ୧୦ହଜାର ସୈନିକ ମୁତୟନ କରିବ ।

---

## ଜୟଶଙ୍କର -ଦିଲ୍ଲୀ

ଆତଙ୍କବାଦ ଏବଂ ବିଶ୍ୱର ପ୍ରମୁଖ ଦ୍ୱନ୍ଦ୍ୱଗୁଡ଼ିକୁ ନେଇ ଯୁକ୍ତିଯୁକ୍ତ ସମାଲୋଚନା ଲାଗି ବୈଦେଶିକମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆହ୍ୱାନ ଦେଇଚନ୍ତି । ନୂଆଦିଲ୍ଲୀରେ ଆଜି ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଡକ୍ଟର ଜୟଶଙ୍କର କହିଛନ୍ତି, ବିଶ୍ୱ ବର୍ତ୍ତମାନ ଦୁଇଟି ପ୍ରମୁଖ ସଂଘର୍ଷ ମଧ୍ୟରେ ଗତି କରୁଛି, ଯାହାକୁ ପ୍ରାୟତଃ ନୀତିଗତ ଭାବରେ ଉପସ୍ଥାପନ କରାଯାଉଛି । କିନ୍ତୁ ଏହାକୁ ସଠିକ୍ ଢଙ୍ଗରେ ପ୍ରୟୋଗ କରାଯାଉ ନାହିଁ ବୋଲି ସେ କହିଛନ୍ତି । ଅନେକ ଦଶନ୍ଧି ପରେ ମଧ୍ୟ ଆତଙ୍କବାଦକୁ ଅଣଦେଖା ଯାଉଛି ବୋଲି ସେ କହିଛନ୍ତି । ଅନ୍ତର୍ଜାତୀୟ ଆଇନକୁ ଏସିଆ ମହାଦେଶରେ ଲାଗୁ କରିବା କ୍ଷେତ୍ରରେ ପାତର ଅନ୍ତର କରାଯାଉଛି । ପଡ଼ୋଶୀ ଦେଶମାନଙ୍କ ପାଇଁ ଭିନ୍ନ ମାନଦଣ୍ଡ ଲାଗୁ କରାଯାଉଥିବା ସେ ଅଭିଯୋଗ କରିଛନ୍ତି ।

---

# ଟ୍ରମ୍ପ-ନେତାନ୍ୟାହୁ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଆଜି ୱାଶିଂଟନ୍‌ରେ ସାକ୍ଷାତ କରିବେ । ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ଯୁଦ୍ଧ ବିରତି ବୃଦ୍ଧି କରିବା ନେଇ ଏହି ଆଲୋଚନା ହେବ ବୋଲି ଜଣାପଡ଼ିଛି ।

ଅନ୍ୟପକ୍ଷରେ ଇସ୍ରାଏଲ୍-ସାଉଦିଆରବ ସଂପର୍କ ଏବଂ ଇରାନର ପରମାଣୁ କାର୍ଯ୍ୟକ୍ରମ ଉପରେ ମଧ୍ୟ ଆଲୋଚନା କରାଯିବ ।

ଗତ ନଭେମ୍ବର ମାସରେ ଅନ୍ତର୍ଜାତୀୟ ଅପରାଧିକ ଅଦାଲତ ନେତାନ୍ୟାହୁଙ୍କ ବିରୁଦ୍ଧରେ ଗିରଫ ପରୱାନା ଜାରି କରିବା ପରେ ଏହା ତାଙ୍କର ପ୍ରଥମ ବିଦେଶ ଗସ୍ତ ।

# ବାଂଲାଦେଶ ହସିନା

ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ଭାରତକୁ ପଳାଇ ଆସିଥିବା ଶେଖ୍ ହସିନାଙ୍କ ଉପରେ ରୋଡ୍ ନୋଟିସ୍ ଜାରି କରିବାକୁ ଇଣ୍ଟରପୋଲ୍‌କୁ ଅନୁରୋଧ କରିଛନ୍ତି । ବାଂଲାଦେଶ ସରକାର ମୁଖ୍ୟ ମହମ୍ମଦ ୟୁନୁସ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ଗତବର୍ଷ ଜୁଲାଇ ଓ ଅଗଷ୍ଟ ମାସରେ ଶେଖ୍ ହସିନାଙ୍କ ସୁରକ୍ଷା ବାହିନୀ ଦ୍ୱାରା ସଂଗଠିତ କାର୍ଯ୍ୟକଳାପକୁ ନେଇ ବାଂଲାଦେଶରେ ଦାୟର ହୋଇଥିବା ମାମଲାଗୁଡ଼ିକ ଉପରେ ନଜର ରଖିବା ଲାଗି ୧୦ଟି ଟିମ୍ ଗଠନ କରାଯାଇଛି । ସରକାର ମୁଖ୍ୟ ୟୁନୁସ୍ ଏହି ମାମଲାଗୁଡ଼ିକୁ

ତ୍ୱରାନ୍ୱିତ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି, ପ୍ରତ୍ୟେକ ନାଗରିକଙ୍କ ମାନବିକ ଅଧିକାରର ସୁରକ୍ଷା ସହ ଧାର୍ମିକ କିମ୍ବା ଜାତିଗତ ସଂଖ୍ୟାଲଘୁଙ୍କ ଉପରେ ଯେଭଳି ଆକ୍ରମଣ ନ ହୁଏ, ସେନେଇ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବ ।

## ବେଲ୍‌ଜିୟମ-ନିଉ ପିଏମ୍

ବେଲ୍‌ଜିୟମର ନୂଆ ପ୍ରଧାନମନ୍ତ୍ରୀ ଭାବେ ବାର୍ଟ ଡି. ଓ୍ୱେଭର୍ ଶପଥ ଗ୍ରହଣ କରିଛନ୍ତି । ଗତକାଲି ରୟାଲ୍ ପ୍ୟାଲେସ୍‌ରେ ବେଲ୍‌ଜିୟମର ରାଜା ଫିଲିପ୍‌ଙ୍କ ଉପସ୍ଥିତିରେ ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ୫ଟି ଦଳକୁ ନେଇ ଗଠିତ ଡି.ଓ୍ୱେଭର୍‌ଙ୍କ ମିଳିତ ମନ୍ତ୍ରିମଣ୍ଡଳରେ ୭ ଜଣ ଫ୍ରାଙ୍କୋଫୋନ୍ ଏବଂ ଅନ୍ୟ ୭ ଜଣ ଫ୍ଲେମିଶ ମନ୍ତ୍ରୀ ଅଛନ୍ତି । ନୂଆ ସରକାରଙ୍କ କାର୍ଯ୍ୟସୂଚୀରେ ବଜେଟ୍ ସଂସ୍କାର, ପ୍ରବାସ ନୀତିରେ ପରିବର୍ତ୍ତନ ଏବଂ ଅର୍ଥନୈତିକ ପୁନର୍ଗଠନ ଉପରେ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଇଛି । ତେବେ ଏହି ୧୫ ଜଣିଆ କ୍ୟାବିନେଟ୍‌ରେ ମାତ୍ର ୩ ଜଣ ମହିଳା ପ୍ରତିନିଧିତ୍ୱ କରୁଥିବାରୁ ଲିଙ୍ଗଗତ ସମାନତାକୁ ନେଇ ଚିନ୍ତା ପ୍ରକାଶ ପାଇଛି ।

## ଶ୍ରୀଲଙ୍କା ନ୍ୟାଶନାଲ୍ ଡେ

ଶ୍ରୀଲଙ୍କା ଆଜି ତା'ର ୭୭ତମ ସ୍ୱାଧୀନତା ଦିବସ ପାଳନ କରୁଛି । କଲମ୍ବୋର ଇଣ୍ଡିପେଣ୍ଡେନ୍ସ ଛକରେ ଏଥିଲାଗି ଆନୁଷ୍ଠାନିକ ଭାବେ ଉତ୍ସବ ପାଳନ ହୋଇଛି । ଏକ ସରକାରୀ କାର୍ଯ୍ୟକ୍ରମରେ ସାମରିକ ପରେଡ୍, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକଙ୍କ ସ୍ୱତନ୍ତ୍ର ଅଭିଭାଷଣ ପରେ ଶ୍ରୀଲଙ୍କା ନୌସେନା ପକ୍ଷରୁ ବିଶେଷ କାର୍ଯ୍ୟକ୍ରମ

ଅନୁଷ୍ଠିତ ହୋଇଥିଲା । ଶ୍ରୀଲଙ୍କା ରାଷ୍ଟ୍ରପତି ଏହି ଅବସରରେ ଏକ ଉନ୍ନତ ଭବିଷ୍ୟତ ଗଠନ କରିବା ଲାଗି ସମସ୍ତଙ୍କର ସହଯୋଗ କାମନା କରିଥିଲେ । ସେ କହିଥିଲେ, ଶ୍ରୀଲଙ୍କାକୁ ଏକ ଆଧୁନିକ ଏବଂ ବିକାଶଶୀଳ ରାଷ୍ଟ୍ରଭାବେ ଗଢ଼ିତୋଳିବା ପାଇଁ ସମସ୍ତଙ୍କୁ ଏକ ହୋଇ କାର୍ଯ୍ୟ କରିବାକୁ ପଡ଼ିବ ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ୭୭ତମ ସ୍ୱାଧୀନତା ଦିବସ ଅବସରରେ ଶ୍ରୀଲଙ୍କା ବୈଦେଶିକ ମନ୍ତ୍ରୀ ବିଜିଥା ହେରାଥ ଓ ଶ୍ରୀଲଙ୍କାର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଟେନିସ୍ -ମୁମ୍ବାଇ ଓପନ୍

ମୁମ୍ବାଇ ଓପନ୍ ଟେନିସ୍‌ରେ ଭାରତର ଅଙ୍କିତା ରାଇନା ୬-୨, ୬-୨ରେ ବୈଷ୍ଣବୀ ଆଡ୍‌କରଙ୍କୁ ପରାସ୍ତ କରି ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ମହିଳା ଟେନିସ୍ ଆସୋସିଏସନ୍ ମାନ୍ୟତାରେ ଦ୍ୱିତୀୟ ସ୍ଥାନରେ ଥିବା ଅଙ୍କିତା ଆସନ୍ତାକାଲି ପ୍ରି-କ୍ୱାର୍ଟର ଫାଇନାଲ୍‌ରେ କାନାଡାର ରେବେକା ମାରିନୋଙ୍କ ସହ ମୁକାବିଲା କରିବେ ।